ବର୍ଷ-୪ ▪ ସଂଖ୍ୟା-୩୧

ଜୁଲାଇ ୨୦୨୩

# ଓଡ଼ିଶା-ମୋ ପରିବାର
# ନ୍ୟୁଜ୍ ଲେଟର

ଓଡ଼ିଶା ମୋ ପରିବାର
All for each , each for all

## ଭିତର ପୃଷ୍ଠାରେ

- ଗୋବିନ୍ଦଙ୍କ ଶେଷଯାତ୍ରା, ସାଉଦି ଆରବରୁ ଓଡ଼ିଶା
- ଭୁବନେଶ୍ୱରରୁ ବରଗଡ଼କୁ ମୃତଦେହ ସ୍ଥାନାନ୍ତର; ସହାୟତା ଯୋଗାଇଲା ଓଡ଼ିଶା-ମୋ ପରିବାର

ପୃଷ୍ଠା-୨

- ଶୋକସନ୍ତପ୍ତ ପରିବାରକୁ ସହାୟତା

ପୃଷ୍ଠା-୩

- ନୂଆ ଜୀବନ ପାଇଲା ଆୟୁଷ..
- ମୃତଦେହକୁ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

ପୃଷ୍ଠା-୪

- ଭୁବନେଶ୍ୱରରୁ କେନ୍ଦ୍ରାପଡ଼ାକୁ ମୃତଦେହ ସ୍ଥାନାନ୍ତରଣ
- ହିତାଧିକାରୀଙ୍କୁ ଚଷମା ବଣ୍ଟନ

ପୃଷ୍ଠା-୫

- ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

ପୃଷ୍ଠା-୬

- ଆପାତକାଳରେ ରକ୍ତଦାନ

ପୃଷ୍ଠା-୯

- 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ପୃଷ୍ଠା-୧୦

- ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ପୃଷ୍ଠା-୧୧

- ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ

ପୃଷ୍ଠା-୧୨

- ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା
- ଜୁଲାଇ ମାସର ଶ୍ରେଷ୍ଠ କର୍ମଚାରୀ
- ଜୁଲାଇ ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

ପୃଷ୍ଠା-୧୩

...ପୃଷ୍ଠା-୨୦ ପର୍ଯ୍ୟନ୍ତ



ଭୁବନେଶ୍ୱର ରେଳ ଷ୍ଟେସନରେ ଶୁଭମଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯାଉଛି

## ନିଖୋଜ ବାଳକ ପୁଣେରୁ ଉଦ୍ଧାର

### ଓଡ଼ିଶା ଫେରାଇବାରେ ସହାୟତା ଯୋଗାଇଲା ଓଡ଼ିଶା-ମୋ ପରିବାର

ଭଦ୍ରକର ବାସିନ୍ଦା ଶ୍ରୀ ଜୟପ୍ରକାଶ ସାହୁଙ୍କ ପୁଅ ଶୁଭମ୍ ସାହୁ ଜୁନ୍ ୧୩ ତାରିଖ ଦିନ ମା'ଙ୍କ ସହିତ ତାଙ୍କ ମାମୁଁଘରକୁ ଯାଇଥିଲେ । ହଠାତ୍, ସେଠାରୁ ସେ ନିଖୋଜ ହୋଇ ଯାଇଥିଲେ। ପରିବାରବର୍ଗ ଏକ ନିଖୋଜ ଅଭିଯୋଗ ପତ୍ର ଦାଖଲ କରିବା ସହିତ ନିଖୋଜ ହେବା ସୂଚନା ସୋସିଆଲ ମିଡିଆରେ ଛାଡ଼ିଥିଲେ। ସୌଭାଗ୍ୟବଶତଃ, ଶୁଭମଙ୍କ ଖୋଜ ଖବର ମିଳି ଯାଇଥିଲା । ସେ ପୁଣେର ଏକ ଶିଶୁ ସହାୟତା କେନ୍ଦ୍ର "ସାଥି" ରେ ଥିଲେ। ସେଠାରେ ପହଞ୍ଚି ପୁଅକୁ ନେବା ପାଇଁ ପୋଲିସ ଶୁଭମଙ୍କ ପରିବାର ସଦସ୍ୟଙ୍କୁ ଯୋଗାଯୋଗ କରିଥିଲା।

ଏହି ଖବର ପାଇବା ପରେ ପରିବାରବର୍ଗ ଅତ୍ୟନ୍ତ ଖୁସି ହୋଇ ଯାଇଥିଲେ, କିନ୍ତୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ ନଥିବାରୁ ସେମାନେ ପୁଅକୁ ଫେରାଇ ଆଣିବା ପାଇଁ ବିଧାୟକ ଶ୍ରୀ ସଞ୍ଜୀବ ମଲ୍ଲିକଙ୍କ ସହାୟତା ଲୋଡିଥିଲେ ।

ଶ୍ରୀ ମଲ୍ଲିକଙ୍କଠାରୁ ସୂଚନା ପାଇବା ପରେ ପରିବାର ଲୋକଙ୍କୁ ଭୁବନେଶ୍ୱର ରେଳ ଷ୍ଟେସନରେ ଓଡ଼ିଶା- ମୋ ପରିବାର ଟିମ୍ ଟିକେଟ କରାଇବାଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସହଯୋଗ କରିଥିଲେ । ପୁଣେରେ ପହଞ୍ଚିବା ପରେ ପୁଅକୁ ଆଣିବା ପ୍ରକ୍ରିୟା ଅତି କମରେ ୩ ରୁ ୪ ଦିନ ଲାଗିବ ଏବଂ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସେମାନଙ୍କୁ ସେଠାରେ ରହିବାକୁ ପଡିବ ବୋଲି ପୁଲିସ ଜଣାଇଥିଲା ।

ଅବଶିଷ୍ଟାଂଶ... ପୃ-୫

## ନିଜ ମାଲିକାଣୀକୁ ନିରୀହ ପଶୁର ଅଶ୍ରୁଳ ବିଦାୟ; ଶେଷକୃତ୍ୟ ସଂପନ୍ନକଲା ଓଡ଼ିଶା-ମୋ ପରିବାର

ମଣିଷ ସିନା ବୁଝିପାରେ ନାହିଁ ସମ୍ପର୍କର ମୂଲ୍ୟ, କିନ୍ତୁ ପଶୁ ପକ୍ଷୀମାନଙ୍କୁ ଟିକିଏ ସ୍ନେହ ଦେଲେ ସେ ଜୀବନର ଶେଷ ପର୍ଯ୍ୟନ୍ତ ଆମକୁ ଭଲ ପାଉଥିବେ । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ସହିଦନଗରସ୍ଥିତ ଭବାନୀ ମଲ୍ ସାମ୍ନାରେ ଖାଇବା ଷ୍ଟଲ ପକେଇ ପରିବାର ଚଳଉଥିବା ଜଣେ ମାଉସୀଙ୍କ ଠାରେ, ନାଁ ତାଙ୍କର ସୁଲୋଚନା ମହାନ୍ତି(୫୬ବର୍ଷ) । ପରିବାର କହିଲେ ତାଙ୍କର ଏକ ମାତ୍ର ଝିଅ, ଯାହାଙ୍କ ସହ



ଅବଶିଷ୍ଟାଂଶ... ପୃ-୩

# ଗୋବିନ୍ଦଙ୍କ ଶେଷଯାତ୍ରା, ସାଉଦି ଆରବରୁ ଓଡ଼ିଶା

ଯାଜପୁର ଜିଲ୍ଲା ବିଂଝାରପୁର ଅନ୍ତର୍ଗତ ସାସନ୍ଦା ଗ୍ରାମର ୩୬ବର୍ଷିୟ ଯୁବକ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ଗତ ୬ବର୍ଷ ଧରି କତାରରେ ରହି କାର୍ଯ୍ୟ କରି ଆସୁଥିଲେ । ଗତ ଜୁନ ୨ ତାରିଖରେ ତାଙ୍କର ନିଜର ଏକ ବ୍ୟବସାୟ ଆରମ୍ଭ କରିବାକୁ ସାଉଦି ଆରବ ଯାତ୍ରା କରିଥିଲେ। ସେ ଅଗ୍ନାଶୟ ଜନିତ ରୋଗରେ ପୀଡ଼ିତ ହୋଇଥିଲେ ଏବଂ ଦୁଇ ବର୍ଷ ପୂର୍ବେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଯୋଗୁଁ ତାଙ୍କୁ ପୁନର୍ବାର ସେଠାକାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା କିନ୍ତୁ ଦୁର୍ଭାଗ୍ୟବଶତଃ ଗତ ଜୁଲାଇ ୧୦ତାରିଖରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଶୋକସନ୍ତପ୍ତ ପରିବାରବର୍ଗ ଗୋବିନ୍ଦଙ୍କ ମୃତଦେହକୁ ବିଂଝାରପୁର ଫେରାଇ ଆଣିବା ପାଇଁ ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କର ସହଯୋଗ ଲୋଡ଼ିଥିଲେ । ଶ୍ରୀମତୀ ମଲ୍ଲିକ ଘଟଣା ବିଷୟରେ ପ୍ରଥମେ ଓଡ଼ିଶା-ମୋ ପରିବାର ଆବାହକଙ୍କୁ ଜଣାଇଥିଲେ ଏବଂ ସେହିପରି, ଯାଜପୁର ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ ବାହାରିନ୍ ରେ ଥିବା ଓଡ଼ିଶା-ମୋ ପରିବାରର ପ୍ରତିନିଧି ଡଃ. ଅରୁଣ ପ୍ରହରାଜ (ଓଡ଼ିଆ ସମାଜର ପ୍ରତିଷ୍ଠାତା-ବାହାରିନ)ଙ୍କୁ ସୂଚନା ଦେଇଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଡଃ. ପ୍ରହରାଜ ତୁରନ୍ତ ପଦକ୍ଷେପ ନେଇ ସାଉଦି ଆରବର ପ୍ରଶାସନିକ ଅଧିକାରୀଙ୍କ ସହିତ ସମନ୍ୱୟ ରକ୍ଷାକରି ମୃତ ଦେହକୁ ସାଉଦି ଆରବରୁ ଭୁବନେଶ୍ୱରକୁ ସ୍ଥାନାନ୍ତରଣ କରିବାରେ ସଫଳ ହୋଇଥିଲେ।

ଏହି ପରିପ୍ରେକ୍ଷୀରେ ଗତ ଜୁଲାଇ ୨୩ ତାରିଖରେ ଗୋବିନ୍ଦଙ୍କ ମୃତଦେହ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ବିଜୁ ଜନତା ଦଳ ସମ୍ପାଦକ(ଓଡ଼ିଶା-ମୋ ପରିବାର) ଶ୍ରୀ ଦୁର୍ଗା ସାମନ୍ତରାୟ, ମୀରା ପରିଡ଼ା, ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କ ସହ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ମୃତଦେହକୁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଠାରୁ ଗ୍ରହଣ କରି ନିଜ ଜନ୍ମସ୍ଥାନ ବିଂଝାରପୁରକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ଯାତାୟାତ ବ୍ୟବସ୍ଥା କରାଯାଇଥିଲା ।



ଭୁବନେଶ୍ୱର ବିମାନ ବନ୍ଦରରେ ମୃତଦେହ ପହଞ୍ଚିବା ପରେ

# ଭୁବନେଶ୍ୱରରୁ ବରଗଡ଼କୁ ମୃତଦେହ ସ୍ଥାନାନ୍ତର;
## ସହାୟତା ଯୋଗାଇଲା ଓଡ଼ିଶା-ମୋ ପରିବାର



ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

ପେଟରେ ଯନ୍ତ୍ରଣା ଭୋଗୁଥିବା ବରଗଡ଼ର ୩୬ବର୍ଷିୟ ବାସିନ୍ଦା ବୁଲୁ ଷଡଙ୍ଗୀଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ଚାଲିଥିବା ବେଳେ ଦୁର୍ଭାଗ୍ୟବଶତଃ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ବୁଲୁଙ୍କ ଅକାଳ ବିୟୋଗରେ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ ଏବଂ ମୃତଦେହକୁ ନିଜ ଗାଁକୁ ଫେରାଇ ଆଣିବା ପାଇଁ ସେମାନେ ଆର୍ଥିକ ଚାପରେ ଥିଲେ। ଅସହାୟ ହୋଇ ମୃତଦେହ ଫେରାଇ ଆଣିବା ପାଇଁ ସେମାନେ ଆମର ଜୀବନ ବିନ୍ଦୁ ଜିଲ୍ଲା ସଂଯୋଜକ ଶ୍ରୀ ଗୌରହରି ମିଶ୍ରଙ୍କର ସାହାଯ୍ୟ ଲୋଡିଥିଲେ। ଶ୍ରୀ ମିଶ୍ରଙ୍କଠାରୁ ସୂଚନା ପାଇବା ପରେ ହସ୍ପିଟାଲରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀମାନେ ପରିବାର ପାଖରେ ପହଞ୍ଚି ଆବଶ୍ୟକୀୟ ସାହାଯ୍ୟ କରିଥିଲେ।

ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସ ମୃତଦେହକୁ କଟକ ବଡ଼ ମେଡ଼ିକାଲରୁ ବରଗଡ଼ସ୍ଥିତ ନିଜ ଜନ୍ମସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ ଏବଂ ଶେଷ ରୀତିନୀତି ସମୟରେ ଶ୍ରୀ ମିଶ୍ର ପରିବାର ସଦସ୍ୟଙ୍କ ନିକଟରେ ଛିଡ଼ା ହୋଇଥିଲେ।

# ଶୋକସନ୍ତପ୍ତ ପରିବାରକୁ ସହାୟତା



ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

ଗଞ୍ଜାମ ଜିଲ୍ଲା ଶେରଗଡ଼ ଅଞ୍ଚଳର ୨୪ ବର୍ଷୀୟ ରାମକୃଷ୍ଣ ତ୍ରିପାଠୀ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ବିଶାଖାପାଟଣାସ୍ଥିତ କେୟାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବିଶାଖାପାଟଣାରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ରୋଗୀ ପାଖରେ ଉପସ୍ଥିତ ରହି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ତାଙ୍କର ଚିକିତ୍ସା କରାଇବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ । ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ରାମକୃଷ୍ଣ, .ଜୁଲାଇ ୬ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।

ଏକମାତ୍ର ପୁଅର ଦେହାନ୍ତରେ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ ଏବଂ ମୃତଦେହ ସ୍ଥାନାନ୍ତର କରିବା ପାଇଁ ସେମାନେ ଅସମର୍ଥ ଥିଲେ । ଅସହାୟ ହୋଇ ସେମାନେ ଡକ୍ଟର ଗୋପବନ୍ଧୁ ଦାଶଙ୍କ ସହାୟତା ଲୋଡ଼ିଥିଲେ।

ସୂଚନା ପାଇବା ପରେ ପ୍ରକାଶ ପରିବାରକୁ ଆବଶ୍ୟକୀୟ ସାହାଯ୍ୟ କରିଥିଲେ ଏବଂ ମୃତ ଶରୀରକୁ ବିଶାଖାପାଟଣାରୁ ଗଞ୍ଜାମସ୍ଥିତ ଶେରଗଡ଼ସ୍ଥିତ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ଯାତାୟାତ ବ୍ୟବସ୍ଥା କରାଯାଇଥିଲା।

---

*ପୃଷ୍ଠା-୧ ର ଅବଶିଷ୍ଟାଂଶ....*

## ନିଜ ମାଲିକାଣୀକୁ ନିରୀହ ପଶୁର ଅଶ୍ରୁଳ ବିଦାୟ...

ସେ ଭୁବନେଶ୍ୱର ସତ୍ୟକାଳୀ ବିଜୁ ଆଦର୍ଶ କଲୋନୀରେ ରହୁଥିଲେ । ଯେବେ ସୁଲୋଚନାଙ୍କର ଷ୍ଟଲରେ ବଳକା ଖାଦ୍ୟ ବଳି ପଡୁଥିଲା, ସେ ସବୁବେଳେ ତାଙ୍କ ପାଖରେ ଜଗି ରହୁଥିବା ଗୋଟିଏ କୁକୁରକୁ ଦେଉଥିଲେ । ସ୍ନେହରେ ନାଁ ଦେଇଥିଲେ ତା'ର ଛୋଟୁ । ସେଥିରୁ ହିଁ ଗଢି ଉଠିଥିଲା ଚିକେନ ମାଉସୀ ଆଉ ଛୋଟୁର ସମ୍ପର୍କ, ଗତ କିଛିଦିନ ତଳେ ସୁଲୋଚନା ଲିଭର ଶିରୋସିସ ରୋଗରେ ଆକ୍ରାନ୍ତ ହୋଇଥିଲେ । ଏଭଳି ଭୟଙ୍କର ରୋଗରେ ପୀଡ଼ିତ ହୋଇ ଜୀବନ-ମୃତ୍ୟୁ ଖେଳରେ ହାରିଯାଇଥିଲେ ସୁଲୋଚନା । ଗତ ଜୁଲାଇ ୨୧ ତାରିଖ ରାତିରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଛୋଟୁକୁ ମା' ପରି ଭଲ ପାଉଥିବା ସେହି ମାଉସୀ ଯେ ତାକୁ ସବୁଦିନ ପାଇଁ ଛାଡ଼ି ଚିର ନିଦ୍ରାରେ ଶୋଇଯିବ ସେ କଥା ଛୋଟୁ ବୁଝି ପାରି ନଥିଲା । ମଣିଷ ପରି ବଳବାନ ଥିଲେ ସିନା ପୁଅ ପରି ସୁଲୋଚନାଙ୍କ କୋକେଇରେ କାନ୍ଧ ଲଗେଇ ଥା'ନ୍ତା । ବୋଧ ହୁଏ ତା' ଦୁଃଖ ସ୍ଥାନୀୟ ଲୋକ ମାନଙ୍କ ପାଖରେ ପହଞ୍ଚି ପାରିଥିଲା ।

ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରୁ ଯୁବ ସମାଜସେବୀ ଦୀପକ ଛୋଟରାୟ ଘଟଣା ସମ୍ପର୍କରେ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାରର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଜଣାଇବା ପରେ ତୁରନ୍ତ ପଦକ୍ଷେପ ନିଆଯାଇ ସୁଲୋଚନାଙ୍କର ମୃତଶରୀରକୁ ଜୟ ଓଡ଼ିଶାର ଶବ ପରିବହନ ଯାନ 'ଶେଷ ସାଥୀ' ମାଧ୍ୟମରେ ପୁରୀ ସ୍ୱର୍ଗଦ୍ୱାରକୁ ନେଇ ସସମ୍ମାନେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏହି ସମୟରେ ଶ୍ରୀ ସାମନ୍ତରାୟଙ୍କ ସମେତ ପୂର୍ବତନ କର୍ପୋରେଟର ଭାନୁପ୍ରିୟା ଦାସ, ସ୍ୱେଚ୍ଛାସେବୀ ଅନସୂୟା ମ୍ୟାଡ଼ମ ଏବଂ ଧିରେନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ ଏବଂ ସୁଲୋଚନାଙ୍କୁ ଅତି ଭଲ ପାଉଥିବା ଛୋଟୁ ମଧ ଉପସ୍ଥିତ ରହି ମନରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇଥିଲା । ଶେଷ ମୁହୂର୍ତ୍ତରେ, ପୁରୀ ସ୍ୱର୍ଗଦ୍ୱାରଠାରେ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବିଶ୍ୱ ପରିବାରକୁ ଶେଷ ରୀତିନୀତି ସମ୍ପନ୍ନ କରିବାରେ ସାହାଯ୍ୟ କରିଥିଲେ ।



ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହେଉଛି

# ନୂଆ ଜୀବନ ପାଇଲା ଆୟୁଷ..

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ଅଙ୍କୋରଡ଼ା ଗ୍ରାମର ୧୩ ବର୍ଷିୟ ବାଳକ ଆୟୁଷ ପ୍ରଧାନ ନିକଟସ୍ଥ ଗ୍ରାମରେ ଲାଗିଥିବା ଏକ ମେଳା ବୁଲିବାକୁ ଯାଇଥିଲେ । ସେଠାରେ ଲାଗିଥିବା 'ସ୍ମୋକ୍ ବିସ୍କୁଟ' ଷ୍ଟଲ ପ୍ରତି ଆକର୍ଷିତ ହୋଇ ସେହି ଷ୍ଟଲରେ ଅତ୍ୟଧିକ ପରିମାଣର ବିସ୍କୁଟ ଖାଇବା ପରେ ଆୟୁଷ ହଠାତ୍ ନିଜର ଚେତା ହରାଇଥିଲେ । ପରିବାରବର୍ଗ ସଙ୍ଗେ ସଙ୍ଗେ ତାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍. କେ. ସିଜି ହସ୍ପିଟାଲକୁ ନେଇଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ଯିବା ପାଇଁ ପରାମର୍ଶ ଦେଇଥିଲେ । ଆୟୁଷଙ୍କ ବାପା ବିଳମ୍ବ ନକରି ସଙ୍ଗେ ସଙ୍ଗେ ଭୁବନେଶ୍ୱର ବାହାରି ପଡ଼ିଥିଲେ । ଭୁବନେଶ୍ୱରସ୍ଥିତ ସ୍ୱର୍ଣ୍ଣ ହସ୍ପିଟାଲରେ ଆୟୁଷଙ୍କୁ ତୁରନ୍ତ ଭର୍ତ୍ତି କରାଯାଇଥିଲା ଏବଂ କୌଣସି କାରଣରୁ ତାଙ୍କ ନାଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ଼ରେ ଅନ୍ତର୍ଭୁକ୍ତ ନଥିଲା । ହସ୍ପିଟାଲର ନିୟମାନୁଯାୟୀ, ତାଙ୍କୁ ପ୍ରଥମେ କିଛି ଟଙ୍କା ପୈଠ କରିବାକୁ କୁହାଯିବାରୁ ସେ ଟଙ୍କା ଜମା କରିଥିଲେ । ପରବର୍ତ୍ତୀ ସମୟରେ ସେ ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଅଧିକାରୀ ଡ଼ଃ ଗୋପବନ୍ଧୁ ଦାଶଙ୍କର ସହାୟତା ଲୋଡ଼ିଥିଲେ ।

ଡ଼ଃ ଦାଶଙ୍କ ଠାରୁ ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା । ଓଡ଼ିଶା-ମୋ ପରିବାର ସ୍ୱାସ୍ଥ୍ୟ ଉପଦେଷ୍ଟା ଡ଼ଃ ସତ୍ୟଜିତ ଦାଶଙ୍କ ସହାୟତାରେ ସଂପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ କାର୍ଡ଼ରେ ଥିବା କିଛି ବୈଷୟିକ ତ୍ରୁଟିର ସମାଧାନ ହୋଇ ଆୟୁଷଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ବିନା ମୂଲ୍ୟରେ ସ୍ୱର୍ଣ୍ଣ ହସ୍ପିଟାଲ ପକ୍ଷରୁ କରାଯାଇଥିଲା । ଏହାପରେ ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ସହିତ ଓଡ଼ିଶା-ମୋ ପରିବାର ଯୁଗ୍ମ ସଂପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟ ଆଲୋଚନା କରିବାପରେ ଆୟୁଷଙ୍କ ବାପାଙ୍କୁ ପୂର୍ବରୁ ଜମା କରିଥିବା ଅର୍ଥରାଶି ଫେରସ୍ତ କରାଯାଇଥିଲା । ଚେତା ହରାଇଥିବା ଆୟୁଷଙ୍କୁ ନୂଆ ଜୀବନ ଦେଇଥିବାରୁ ପରିବାରବର୍ଗ, ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ କୃତଜ୍ଞତା ଜଣାଇଛନ୍ତି ।



# ମୃତଦେହକୁ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା



ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

ବହୁବିଧ ସ୍ୱାସ୍ଥ୍ୟଗତ ସମସ୍ୟାରେ ପୀଡ଼ିତ କଟକ ସହରର ୩୩ ବର୍ଷିୟ ଜନ୍ ପ୍ରଧାନଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଜନ୍ ବଞ୍ଚିପାରିଲେ ନାହିଁ । ଗତ ଜୁଲାଇ ୩୦ ତାରିଖରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ସହିତ ଜଣେ ସମ୍ପର୍କୀୟ ହସ୍ପିଟାଲରେ ଉପସ୍ଥିତ ଥିଲେ, ଯିଏ ମୃତ ଦେହକୁ ଘରକୁ ଫେରାଇ ନେବା ପାଇଁ ଆର୍ଥିକ ଦୃଷ୍ଟିରୁ ସ୍ଥିର ନଥିଲେ।

ଏହି ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଆମର ଜୀବନ ବିନ୍ଦୁ ସଂଯୋଜକ (କଟକ ସହର) ଡ଼ଃ ରଞ୍ଜନ ବିଶ୍ୱାଳ ହସ୍ପିଟାଲରେ ପହଞ୍ଚି ପୋଷ୍ଟମର୍ଟମ ପ୍ରକ୍ରିୟାରେ ସାହାଯ୍ୟ କରିବା ସହିତ ମୃତଦେହକୁ ହସ୍ପିଟାଲରୁ ସେମାନଙ୍କ ବାସଭବନକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ। ହସ୍ପିଟାଲରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ଦୀପ ରଥ ଏବଂ ସନ୍ତୋଷ ଦାସ ସମଗ୍ର ପ୍ରକ୍ରିୟାକୁ ସଂଯୋଜନା କରିଥିଲେ।

# ଭୁବନେଶ୍ୱରରୁ କେନ୍ଦ୍ରାପଡ଼ାକୁ ମୃତଦେହ ସ୍ଥାନାନ୍ତରଣ

କେନ୍ଦ୍ରାପଡ଼ା ଜିଲ୍ଲାର ୩୨ବର୍ଷିୟ ବାସିନ୍ଦା ରମେଶ ନାୟକ ଭୁବନେଶ୍ୱରରେ ଏକ ଛୋଟ ଦୋକାନ ଆରମ୍ଭ କରିବାକୁ ଯାଉଥିଲେ ଏବଂ ଏହାର ଉଦଘାଟନ ପାଇଁ କାର୍ଯ୍ୟ ଜାରି ରଖିଥିଲେ।

ଦୁର୍ଭାଗ୍ୟବଶତଃ, ବୈଦ୍ୟୁତିକ ଆଘାତ ହେତୁ ସେ ଘଟଣାସ୍ଥଳରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ରମେଶ ତାଙ୍କ ପରିବାର ପାଇଁ ଏକମାତ୍ର ଭରସା ଥିଲେ ଏବଂ ତାଙ୍କ ଦେହାନ୍ତ ପରେ ତାଙ୍କ ପରିବାର ସଂପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ । ଶେଷ ମୁହୂର୍ତ୍ତରେ ପୁଅର ମୁହଁ ଟିକକ ଦେଖିବା ପାଇଁ ସ୍ଥାନୀୟ ବିଧାୟିକା ଶ୍ରୀମତୀ ସାବିତ୍ରୀ ଅଗ୍ରୱାଲାଙ୍କର ସାହାଯ୍ୟ ଲୋଡିଥିଲେ । ଶ୍ରୀ ସଞ୍ଜୟ ଅଗ୍ରୱାଲା (ବିଧାୟକଙ୍କ ପ୍ରତିନିଧି) ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସଂଯୋଜକ ରଶ୍ମୀଙ୍କୁ ଏହି ବିଷୟରେ ଜଣାଇବା ପରେ ପୋଷ୍ଟମର୍ଟମ ପାଇଁ କ୍ୟାପିଟାଲ ହସ୍ପିଟାଲରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଆଲୋକ ସାହୁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ। ମୃତଦେହକୁ ହସ୍ପିଟାଲରୁ କେନ୍ଦ୍ରାପଡାସ୍ଥିତ ନିଜ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଓଡ଼ିଶା-ମୋ ପରିବାର ପକ୍ଷରୁ ଯାତାୟାତ ବ୍ୟବସ୍ଥା କରାଯାଇଥିଲା ।



ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

ପୃଷ୍ଠା-୧ ର ଅବଶିଷ୍ଟାଂଶ....

## ନିଖୋଜ ବାଳକ ପୁଣେରୁ ଉଦ୍ଧାର...


ପୁଣେ ସହରରେ ପିତାମାତାଙ୍କ ସହ ଶୁଭମ୍

ନିଜକୁ ଅସହାୟ ମନେ କରି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ପରିବାରବର୍ଗ ଓଡ଼ିଶା-ମୋ ପରିବାରର ସାହାଯ୍ୟ ଲୋଡିଥିଲେ । ପରେ, ତୁରନ୍ତ ପଦକ୍ଷେପ ନିଆଯାଇ ଗୌରବ ମାନେ( ମୁମ୍ବାଇର ପ୍ରତିନିଧି) ଙ୍କ ସହ ଆଲୋଚନା କରାଯାଇଥିଲା । ତାଙ୍କ ଅନୁରୋଧ କ୍ରମେ ହସ୍ତାନ୍ତର ପ୍ରକ୍ରିୟା ଶୀଘ୍ର ଶେଷ ହୋଇଥିଲା ଏବଂ ପରିବାରବର୍ଗ ସେହି ଦିନ ନିଜ ସନ୍ତାନକୁ ନେଇ ଖୁସିରେ ଓଡ଼ିଶା ଫେରିଆସିଥିଲେ ।

ସେମାନଙ୍କ ଦୁଃଖ ସମୟରେ ସେମାନଙ୍କ ନିକଟରେ ଛିଡ଼ା ହୋଇ ପୁଅକୁ ଉଦ୍ଧାର କରିବା ତଥା ବିନା କୌଣସି ଅସୁବିଧାରେ ନିଜ ଘରକୁ ଫେରାଇ ଆଣିବାରେ ସାହାଯ୍ୟ କରିଥିବାରୁ ପରିବାର ଲୋକେ ଶ୍ରୀ ମଲ୍ଲିକ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ କୃତଜ୍ଞତା ଜଣାଇଥିଲେ ।

## ହିତାଧିକାରୀଙ୍କୁ ଚଷମା ବଣ୍ଟନ

ଖାନନଗର ତୈଳିକ ବୈଶ୍ୟ ସମାଜ ଭାବେ ଓଡ଼ିଶା-ମୋ ପରିବାର ସହ ମିଳିତ ତତ୍ତ୍ୱାବଧାନରେ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା।

ସ୍ଥାନୀୟ ଅଞ୍ଚଳରେ ପ୍ରାୟ ୫୬ଜଣ ବ୍ୟକ୍ତି ଏହି ସୁବିଧା ପାଇଥିଲେ ଏବଂ ଏଲ.ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ଟିମ୍ ଲୋକମାନଙ୍କର ଚକ୍ଷୁ ପରୀକ୍ଷା କରାଇଥିଲେ । ପରୀକ୍ଷା ହେବା ପରେ ୧୬ଜଣ ବ୍ୟକ୍ତିଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା ଏବଂ ୩୦ଜଣଙ୍କୁ ଚଷମା ଆବଶ୍ୟକ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ ।

ଚଷମା ଆବଶ୍ୟକ ଥିବା ଲୋକଙ୍କୁ ପଢିବା ଚଷମା ସହିତ ବାଇଫୋକାଲ ଚଷମା ଦିଆଯାଇଥିଲା, ଯାହାକି ସେମାନଙ୍କ ଦୃଷ୍ଟି ଶକ୍ତି ଅନୁଯାୟୀ କ୍ରୟ କରାଯାଇଥିଲା । ଚଷମା ପାଇବା ପରେ ସେମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।



# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିରଳ ଶ୍ରେଣୀର ରକ୍ତ ପ୍ରଦାନ


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶ

ଆଣ୍ଠୁରେ ପ୍ରବଳ ଯନ୍ତ୍ରଣା ଭୋଗୁଥିବା ରାୟଗଡାର ୬୭ବର୍ଷିୟା ମମତା ସାହୁ ବିଶାଖାପାଟଣାସ୍ଥିତ ଇଣ୍ଡସ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ।

ଡାକ୍ତର ଦେଖିବା ପରେ ଆଣ୍ଠୁ ପ୍ରତିରୋପଣ ପାଇଁ ପରାମର୍ଶ ଦେଇଥିଲେ। ପ୍ରକାଶ ବେହେରା, ଆମର ହେଲ୍ପଡେସ୍କ ସହଯୋଗୀ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଚିକିତ୍ସା ସମୟରେ ଆବଶ୍ୟକୀୟ ସାହାଯ୍ୟ କରିଥିଲେ । ଅସ୍ତ୍ରୋପଚାର ସମୟରେ ରୋଗୀଙ୍କ ପାଇଁ ସେ ଆବଶ୍ୟକ ଥିବା ବିରଳ AB +ve ରକ୍ତ ମଧ୍ୟ ବ୍ୟବସ୍ଥା କରିଥିଲେ। ପ୍ରକାଶ ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଥିଲେ ଏବଂ ସୁସ୍ଥ ହେବା ପରେ ନିଜ ଗ୍ରାମକୁ ନିରାପଦରେ ଫେରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ ।

କେନ୍ଦୁଝର ଜିଲ୍ଲାର ୧୭ ବର୍ଷିୟା ବାସିନ୍ଦା ସସ୍ମିତା ସେଠୀ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଏବଂ ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

ସସ୍ମିତା ତାଙ୍କ ଭାଇଙ୍କ ସହ ଥିଲେ ଯିଏକି ଭିନ୍ନକ୍ଷମ ଥିଲେ ଏବଂ ସେମାନଙ୍କୁ ଅସହାୟ ଥିବାର ଦେଖିବା ପରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ଦୀପ ରଥ ସେମାନଙ୍କ ପାଖରେ ଉପସ୍ଥିତ ରହି ଚିକିତ୍ସା ସମୟରେ ଆବଶ୍ୟକୀୟ ସାହାଯ୍ୟ କରିଥିଲେ । ସନ୍ଦୀପ ରୋଗୀଙ୍କ ପାଇଁ ଆବଶ୍ୟକ ଥିବା ବିରଳ AB + ve ରକ୍ତ ମଧ୍ୟ ବ୍ୟବସ୍ଥା କରିଥିଲେ ।


ହେଲ୍ପଡ଼େସ୍କ ସହଯୋଗୀ ସନ୍ଦୀପ ସସ୍ମିତାଙ୍କ ଭାଇଙ୍କୁ ରକ୍ତ ହସ୍ତାନ୍ତର କରୁଛନ୍ତି


ରୋଗୀଙ୍କ ସଂପର୍କୀୟ ହେଲ୍ପଡେସ୍କ ସହଯୋଗୀ ଜ୍ୟୋତିଙ୍କ ଠାରୁ ରକ୍ତ ଗ୍ରହଣ କରିଛନ୍ତି

ଖୋର୍ଦ୍ଧାର ବାସିନ୍ଦା ବଳଭଦ୍ର ମିଶ୍ର (୭୮ ବର୍ଷ)ଙ୍କୁ କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।ଚିକିତ୍ସା ସମୟରେ ବୃଦ୍ଧଙ୍କୁ ବିରଳ O-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା, ଯାହା ପରିବାରବର୍ଗ ଯୋଗାଡ଼ କରିପାରି ନ ଥିଲେ। ସେମାନେ ଅସହାୟ ହୋଇ ଓଡିଶା-ମୋ ପରିବାରର ସହାୟତା ଲୋଡ଼ିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ତୁରନ୍ତ ଆମର ହେଲ୍ପଡେସ୍କ ସହଯୋଗୀ ଜ୍ୟୋତି ରଂଜନ ପ୍ରଧାନ ଆବଶ୍ୟକୀୟ ରକ୍ତ ୟୁନିଟ୍ ବ୍ୟବସ୍ଥା କରି ପରିବାରକୁ ହସ୍ତାନ୍ତର କରିଥିଲେ ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସହାୟତା


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ବିକାଶ

କଟକର ୬୩ ବର୍ଷିୟ ବାସିନ୍ଦା ରାଜକିଶୋର ପୃଷ୍ଟିଙ୍କର ଆଖିରେ କିଛି ସମସ୍ୟା ଥିବାରୁ ସେ ଭୁବନେଶ୍ୱରସ୍ଥିତ ହାଇ-ଟେକ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

ଡାକ୍ତର ଦେଖିବା ପରେ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ । ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ବିକାଶ ବେହେରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ସମସ୍ତ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ । ରୋଗୀ ସୁସ୍ଥ ହେବା ପରେ ବିକାଶ ତାଙ୍କୁ ଡିସ୍ଚାର୍ଜ ହୋଇ ନିରାପଦରେ ଘରକୁ ଫେରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ ।

କିଡ଼ନୀ ରୋଗରେ ପୀଡ଼ିତ କୋରାପୁଟର ୭୫ ବର୍ଷିୟା ଡି.ସିଥାମାଙ୍କୁ ଚିକିତ୍ସା ପାଇଁ ବିଶାଖାପାଟଣାସ୍ଥିତ ଇଣ୍ଡସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ, ପ୍ରକାଶ ବେହେରା ରୋଗୀଙ୍କ ପାଖରେ ଉପସ୍ଥିତ ରହି ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ମଧ୍ୟ ସାହାଯ୍ୟ କରିଥିଲେ । ରୋଗୀ ସୁସ୍ଥ ହେବା ପରେ ପ୍ରକାଶ ତାଙ୍କୁ କୋରାପୁଟସ୍ଥିତ ନିଜ ଗ୍ରାମକୁ ଫେରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ।


ରୋଗୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶ

କୋରାପୁଟର ୩୫ ବର୍ଷିୟ କୁମ୍ଭାର ନାୟକ ଏକ ସଡ଼କ ଦୁର୍ଘଟଣାରେ ସମ୍ମୁଖୀନ ହୋଇ ପ୍ରଥମେ କୋରାପୁଟ ଏବଂ ପରେ ବିଶାଖାପାଟଣାସ୍ଥିତ ଅନୁ ହସ୍ପିଟାଲରେ ଚିକିତ୍ସା ହେଉଥିଲେ । ସେଠାରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ, ପ୍ରକାଶ ବେହେରା ରୋଗୀଙ୍କ ତାଙ୍କ ପାଖରେ ଉପସ୍ଥିତ ରହି ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ମଧ୍ୟ ସାହାଯ୍ୟ କରିଥିଲେ । ରୋଗୀ ସୁସ୍ଥ ହେବା ପରେ ପ୍ରକାଶ ତାଙ୍କୁ କୋରାପୁଟସ୍ଥିତ ନିଜ ଗ୍ରାମକୁ ଫେରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ଯାତାୟାତ ସହାୟତା



ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଗଞ୍ଜାମର ୫୦ ବର୍ଷିୟ ବାସିନ୍ଦା ଅରୁଣ କୁମାର ମହାକୁଡ଼ଙ୍କୁ ଚିକିତ୍ସା ନିମନ୍ତେ ବିଶାଖାପାଟଣାସ୍ଥିତ ଇଣ୍ଡସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଦୁର୍ଭାଗ୍ୟବଶତଃ, ତାଙ୍କର ଏକାଧିକ ଅଙ୍ଗ ଅଚଳ ହୋଇଯିବା ହେତୁ ସେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ବିଶାଖାପାଟଣାରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ଚିକିତ୍ସା ସମୟରେ ରୋଗୀ ଏବଂ ତାଙ୍କ ପରିବାରକୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ପରେ ପରିବାରର ଅନୁରୋଧ କ୍ରମେ ପ୍ରକାଶ ସେମାନଙ୍କୁ ହସ୍ପିଟାଲରୁ ଗଞ୍ଜାମସ୍ଥିତ ନିଜ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ।

ବ୍ରେନ ହାମରେଜରେ ପୀଡ଼ିତ ବ୍ରହ୍ମପୁରର ୪୧ ବର୍ଷିୟା ସରସ୍ୱତୀ ପାଢି ବିଶାଖାପାଟଣାସ୍ଥିତ କେୟାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

ବିଶାଖାପାଟଣାରେ ଆମର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ରୋଗୀଙ୍କ ପାଖରେ ଉପସ୍ଥିତ ରହି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଆଡ଼ମିଶନ ଏବଂ ଚିକିତ୍ସାରେ ସାହାଯ୍ୟ କରିଥିଲେ। ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ ଏବଂ ପ୍ରକାଶ ଆବଶ୍ୟକୀୟ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ। ରୋଗୀ ସୁସ୍ଥ ହେବା ପରେ ପ୍ରକାଶ ପରିବାରକୁ ବ୍ରହ୍ମପୁରସ୍ଥିତ ନିଜ ଗ୍ରାମକୁ ଫେରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ ।




ରୋଗୀଙ୍କୁ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା




ରୋଗୀଙ୍କୁ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

ବ୍ରେନ ହାମରେଜରେ ପୀଡ଼ିତ କେଉଁଝରର ୪୬ ବର୍ଷିୟା ମାଳତୀ ଖଟୁଆ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ । ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସ ତାଙ୍କ ସେଠାରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଥିଲେ । ମାଳତୀଙ୍କ ଚିକିତ୍ସାରେ ଦରକାର ହେଉଥିବା ରକ୍ତ ମଧ୍ୟ ସନ୍ତୋଷ ଯୋଗାଇ ଦେଇଥିଲେ। ମେଡ଼ିକାଲରୁ ଡିସଚାର୍ଜ ହେବାପରେ ତାଙ୍କର ଘରକୁ ଫେରିବା ପାଇଁ ସନ୍ତୋଷ ଯାତାୟାତର ବ୍ୟବସ୍ଥା କରାଇଦେଇଥିଲେ ।

# ଆପାତକାଳରେ ରକ୍ତଦାନ



ପୁରୀ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ବିଶ୍ୱମୋହନଙ୍କ ଦ୍ୱାରା ରକ୍ତଦାତା ଯୋଗାଡ଼



କଟକ ବଡ଼ ମେଡ଼ିକାଲରେ ଜଣେ ରକ୍ତହୀନତା ରୋଗୀଙ୍କ ପାଇଁ ସନ୍ତୋଷ ରକ୍ତଦାତା ଯୋଗାଡ଼



କ୍ୟାପିଟାଲ ହସ୍ପିଟାଲରେ ଜଣେ ଡେଙ୍ଗୁ ରୋଗୀଙ୍କ ପାଇଁ ଜ୍ୟୋତିଙ୍କ ଦ୍ୱାରା ରକ୍ତଦାତା ଯୋଗାଡ଼



କ୍ୟାପିଟାଲ ହସ୍ପିଟାଲରେ ଜଣେ ଡେଙ୍ଗୁ ରୋଗୀଙ୍କ ପାଇଁ ଜ୍ୟୋତିଙ୍କ ଦ୍ୱାରା ରକ୍ତଦାତା ଯୋଗାଡ଼



ପି.ଆର୍.ଏମ୍.ଏମ୍.ସି.ଏଚ୍., ବାରିପଦା ଠାରେ ଜଣେ ଥାଲାସେମିଆ ରୋଗୀଙ୍କ ପାଇଁ ଶୁଭମଙ୍କ ଦ୍ୱାରା ରକ୍ତଦାତା ଯୋଗାଡ଼



ଏମ୍, ଭୁବନେଶ୍ୱର ଠାରେ ଜଣେ ସି.ଏଲ୍.ଡ଼ି ରୋଗୀଙ୍କ ପାଇଁ ହେଲ୍ପଡେସ୍କ ସହଯୋଗୀ ସୋମନାଥଙ୍କ ଦ୍ୱାରା ରକ୍ତଦାତା ଯୋଗାଡ଼



କେୟାର ହସ୍ପିଟାଲରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ଜଣେ ରକ୍ତଦାତା ବ୍ୟବସ୍ଥା କରାଯାଇଥିଲା



କ୍ୟାପିଟାଲ ହସ୍ପିଟାଲରେ ହେଲ୍ପଡେସ୍କ ସହଯୋଗୀ ଜ୍ୟୋତି ଜଣେ ରକ୍ତହୀନତା ରୋଗୀଙ୍କ ପାଇଁ ରକ୍ତଦାନ କରୁଛନ୍ତି



ସମ୍ ହସ୍ପିଟାଲରେ ହେଲ୍ପଡ଼େସ୍କ ସହଯୋଗୀ ଶିବ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତଦାନ କରୁଛନ୍ତି






ଆପୋଲୋ ହସ୍ପିଟାଲରେ ଜଣେ ରୋଗୀଙ୍କ ମସ୍ତିଷ୍କର ଅସ୍ତ୍ରୋପଚାର ପାଇଁ ଓଡ଼ିଶା-ମୋ ପରିବାର ସ୍ୱେଚ୍ଛାସେବୀ ରଜନୀ ପଟ୍ଟନାୟକ ଏବଂ ସନ୍ତୋଷ ପ୍ରଧାନ ରକ୍ତ ଦାନ କରୁଛନ୍ତି

# 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ଓଡ଼ିଶା-ମୋ ପରିବାର, 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ ମାଧ୍ୟମରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରି ଡାକ୍ତରଖାନାରେ ଆବଶ୍ୟକ ପଡୁଥିବା ରକ୍ତ ପାଇଁ ସମସ୍ତ ବ୍ଲଡ୍ ବ୍ୟାଙ୍କରେ ସଠିକ୍ ଷ୍ଟକ୍ ବଜାୟ ରଖୁଛି । ସାଧାରଣତଃ, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେତୁ ଖରା ଦିନରେ ରକ୍ତଦାତାଙ୍କ ସଂଖ୍ୟା କମିଯାଏ, ତଥାପି ଜୁଲାଇ ମାସରେ ସମୁଦାୟ **୩୫୭୬** ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।







## ଶ୍ରେଷ୍ଠ ପ୍ରଦର୍ଶନକାରୀ
### ଜିଲ୍ଲା ସଂଯୋଜକ
**ଜୁଲାଇ ୨୦୨୩**



ଶ୍ରୀ ରଞ୍ଜନ ବିଶ୍ୱାଳ
**କଟକ ନଗର - ୮୩୭ ୟୁନିଟ୍**



ଶ୍ରୀ ସୁବାସ ମହାରଣା
**ଗଞ୍ଜାମ - ୭୫୯ ୟୁନିଟ୍**



ଶ୍ରୀ ଶୁଭେନ୍ଦୁ ମଙ୍ଗରାଜ
**ବାଲେଶ୍ୱର - ୩୪୧ ୟୁନିଟ୍**

# ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ସଠିକ୍ ସମୟରେ ଯୋଗାଇ ଦିଆଯାଇଥିବା ରକ୍ତ ମୂଲ୍ୟବାନ ଜୀବନ ରକ୍ଷା କରେ । ଓଡ଼ିଶା-ମୋ ପରିବାର ଏହାର "ବ୍ଲଡ଼ ପାଇଁ ଡାଏଲ୍/ଟ୍ୱିଟ" ଇ-ସର୍ଭିସ ପ୍ଲାଟଫର୍ମ ଜରିଆରେ ରକ୍ତ ପାଇଁ ଆସୁଥିବା ଅନୁରୋଧକୁ ଡିଜିଟାଲ ଫୋରମ ମାଧ୍ୟମରେ ପୂରଣ କରୁଛି । ଗତ ଜୁଲାଇ ମାସରେ 'ଓଡ଼ିଶା-ମୋ ପରିବାର' ଜରୁରୀକାଳୀନ ପରିସ୍ଥିତିରେ ୨୪୬ଜଣଙ୍କୁ ରକ୍ତ ଯୋଗାଇ ଦେଇଛି । ଯେଉଁମାନଙ୍କ ମଧ୍ୟରୁ ୩୨ଜଣଙ୍କୁ ଦୁର୍ଲଭ ରକ୍ତ ଯୋଗାଇ ଦିଆଯାଇଛି।

| କ୍ର.ସଂଖ୍ୟା | ରୋଗୀଙ୍କ ନାମ | ବୟସ | ପ୍ରଦାନ କରାଯାଇଥିବା ରକ୍ତ ୟୁନିଟ୍ | ଗ୍ରୁପ୍ | ସ୍ଥାନ |
|---|---|---|---|---|---|
| ୧ | ସୁଭଦ୍ରା ମହାନ୍ତି | ୫୧ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ଭୁବନେଶ୍ୱର |
| ୨ | ଆଶିଷ ନାୟକ | ୨୨ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭୁବନେଶ୍ୱର |
| ୩ | ଆଶିଷ ନାୟକ | ୨୩ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୪ | ସବନମ ବେଗମ | ୨୩ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | ପୁରୀ |
| ୫ | ମାଳତୀ ଘୋଷ | ୨୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | B- | ଭୁବନେଶ୍ୱର |
| ୬ | ଆଶିଷ ନାୟକ | ୨୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭୁବନେଶ୍ୱର |
| ୭ | କ୍ଷୀତିସ କୁମାର | ୫୭ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୮ | ଜିତେନ୍ଦ୍ର ସାହୁ | ୪୨ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭୁବନେଶ୍ୱର |
| ୯ | ନଗେନ୍ଦ୍ର ମହାନ୍ତି | ୮୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭଦ୍ରକ |
| ୧୦ | ଦିପ୍ତିମୟୀ | ୫୪ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୧୧ | ସସ୍ମିତା ସେଠୀ | ୧୭ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କେଉଁଝର |
| ୧୨ | ଝରଣା ଲୋହାର | ୧୭ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବାରିପଦା |
| ୧୩ | ସସ୍ମିତା ବେହେରା | ୪୬ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭୁବନେଶ୍ୱର |
| ୧୪ | ସ୍ୱର୍ଣ୍ଣଲତା ଘୋଷ | ୨୮ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ବ୍ରହ୍ମପୁର |
| ୧୫ | ମଧୁସ୍ମିତା ବେହେରା | ୪୮ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ଭୁବନେଶ୍ୱର |
| ୧୬ | ରାଜୀବ ସାହୁ | ୫୬ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | ରାଉରକେଲା |
| ୧୭ | ସସ୍ମିତା ବେହେରା | ୬୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭୁବନେଶ୍ୱର |
| ୧୮ | ଭେଙ୍କେଟେଶ୍ୱର ବରର୍ଡି | ୬୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB- | ଭବାନୀପାଟଣା |
| ୧୯ | ସୁମତୀ ପରିଡ଼ା | ୩୬ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | B- | ନୟାଗଡ଼ |
| ୨୦ | ମନରାଣୀ ସ୍ୱାଇଁ | ୬୭ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB- | ଭୁବନେଶ୍ୱର |

# ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ




ପୂର୍ବରୁ ପରେ

**୧** ଭୁବନେଶ୍ୱରର ବାସିନ୍ଦା ଏସ୍.ବେରିସାସ ଅପାୟା (୭୨ବର୍ଷ) କାମରେ ବାହାରକୁ ଯାଉଥିବା ବେଳେ ଏକ ଟ୍ରକ ଆସି ତାଙ୍କୁ ଧକ୍କା ଦେଇଥିଲା । ଯେଉଁଥିରେ ତାଙ୍କର ଡାହାଣ ପାର୍ଶ୍ୱ ଗୋଡ଼ରେ ଗଭୀର ଆଘାତ ଲାଗିଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଗୋଡ଼ର ପାଦ ତଳକୁ କଟା ଯାଇଥିଲା । ସେ ସେବେଠାରୁ କେବେହେଲେ କୃତ୍ରିମ ଗୋଡ଼ର ବ୍ୟବହାର କରି ନଥିଲେ । ଓଡ଼ିଶା-ମୋ ପରିବାର ପକ୍ଷରୁ କୃତ୍ରିମ ଅଙ୍ଗ ଯୋଗାଣ ସମ୍ପର୍କରେ ଖବର ପାଇବା ପରେ ସେ ପୂର୍ବତନ କର୍ପୋରେଟର ଶ୍ରୀ କିଶୋର ମହାନ୍ତିଙ୍କ ମାଧ୍ୟମରେ ଏକ କୃତ୍ରିମ ଗୋଡ଼ ଯୋଗାଇ ଦେବା ପାଇଁ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଅନୁରୋଧ କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି ବେରିସାସଙ୍କୁ କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଥିଲା ।

**୨** କମଳେନ୍ଦ୍ର ସୁବୁଦ୍ଧି (୬୨ବର୍ଷ) ପେଷାରେ ଜଣେ କୃଷକ, ସେ ନିଜ କ୍ଷେତରେ କାମ କରୁଥିବାବେଳେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଯେଉଁଠାରେ ଏକ ଗଛର ଡାଳ ତାଙ୍କ ଡାହାଣ ହାତରେ ପଡିଯାଇଥିଲା। ସେ କିଛି ମାତ୍ରାରେ ଆହତ ହୋଇ ନିକଟସ୍ଥ ହସ୍ପିଟାଲରେ ଆଘାତପ୍ରାପ୍ତ ହାତକୁ ସିଲେଇ କରିଥିଲେ। କିଛି ଦିନ ପରେ ଯନ୍ତ୍ରଣା ଅସହ୍ୟ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲକୁ ରେଫର୍ କରାଯାଇ ସଂକ୍ରମଣ କାରଣରୁ ତାଙ୍କ କାନ୍ଧ ତଳକୁ କାଟି ଦିଆଯାଇଥିଲା। ସେ ବିଭିନ୍ନ ସ୍ଥାନରୁ ୪ଥର କୃତ୍ରିମ ଅଙ୍ଗ ଆଣି ବ୍ୟବହାର କରିଥିଲେ ମଧ୍ୟ ତାଙ୍କୁ ବ୍ୟବହାର କରିବାରେ ଆରାମଦାୟକ ଲାଗି ନଥିଲା । ଓଡ଼ିଶା- ମୋ ପରିବାର ବିଷୟରେ ସୂଚନା ପାଇବା ପରେ, ଏକ କୃତ୍ରିମ ହାତ ଯୋଗାଇ ଦେବା ପାଇଁ ସେ ଅନୁରୋଧ କରିଥିଲେ । ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ କ୍ୟାପିଟାଲ୍ ହସ୍ପିଟାଲ୍ ପରିସରଭୁକ୍ତ ଏ.ଆର.ସି ମାଧ୍ୟମରେ ତାଙ୍କୁ କୃତ୍ରିମ ହାତ ଯୋଗାଇ ଦିଆଯାଇଥିଲା ।



ପୂର୍ବରୁ ପରେ



ପୂର୍ବରୁ ପରେ

**୩** ଗଞ୍ଜାମ ଜିଲ୍ଲାର ଦିଗମ୍ବର ନାୟକ (୨୭ବର୍ଷ) ପିଲାଦିନେ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସମୟକ୍ରମେ ତାଙ୍କ ଗୋଡ଼ରେ ଲାଗିଥିବା ଆଘାତ ସଂକ୍ରମିତ ହେଲା ଏବଂ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ତାଙ୍କ ଗୋଡର ଆଣ୍ଠୁ ତଳକୁ କାଟି ଦିଆଯାଇଥିଲା। ୨୦୧୨ ମସିହାରେ, ସେ ଫୁଲବାଣୀର ଏକ କ୍ୟାମ୍ପରୁ ଏକ କୃତ୍ରିମ ଗୋଡ ଆଣି ବ୍ୟବହାର କରିଥିଲେ କିନ୍ତୁ ତାହା ତାଙ୍କୁ ଆରାମ ଲାଗିନଥିଲା । ତାଙ୍କୁ ଏକ କୃତ୍ରିମ ଗୋଡ଼ ଯୋଗାଇଦେବା ପାଇଁ ଓଡିଶା-ମୋ ପରିବାରକୁ ଅନୁରୋଧ କରିବା ପରେ ଆମର ସ୍ୱାସ୍ଥ୍ୟ ଉପଦେଷ୍ଟା ଡ଼ଃ ସତ୍ୟଜିତ୍ ଦାଶ ତାଙ୍କୁ ଗଞ୍ଜାମସ୍ଥିତ ଡ଼ି.ଡ଼ି.ଆର୍.ସି ମାଧ୍ୟମରେ ଏକ କୃତ୍ରିମ ଗୋଡ଼ ଯୋଗାଇ ଦେଇଥିଲେ । ଡ଼ଃ ମୁରଲୀ ବେହେରା ଏହି ସମଗ୍ର ପ୍ରକ୍ରିୟାକୁ ପରିଚାଳନା କରିଥିଲେ ଏବଂ କୃତ୍ରିମ ଗୋଡ଼ ପାଇବା ପରେ ହିତାଧିକାରୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ କୃତଜ୍ଞତା ଜଣାଇଥିଲେ।

# ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା

କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ, ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ମିଳିତ ଭାବରେ ଓଡ଼ିଶା ମୋ ପରିବାର ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ରେଫର୍ ହୋଇଥିବା କର୍କଟ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ଡାକ୍ତରଖାନାରେ କାଗଜପତ୍ର ପ୍ରକ୍ରିୟାରେ ସହାୟତା, ଚିକିତ୍ସା ପାଇଁ ଆଭ୍ୟନ୍ତରୀଣ ସମନ୍ୱୟ ରକ୍ଷା କରିବା ସହିତ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଡାକ୍ତରଖାନା ନିକଟରେ ସୁଲଭ ମୂଲ୍ୟରେ ରହିବା ପାଇଁ ବ୍ୟବସ୍ଥା କରାଇ ଦେଇଥାଏ । ସେମାନଙ୍କ ମଧ୍ୟରୁ, ଚର୍ମ ଏବଂ ପେଟ କର୍କଟରେ ପୀଡ଼ିତ ଦୀପକ କୁମାର ମହାରଣା,ସୁଖି ବେହେରାଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ନୂତନ ପଞ୍ଜୀକରଣ, ଡାକ୍ତରଙ୍କ ପରାମର୍ଶ ନେବାରେ ସହାୟତା ଯୋଗାଇବା ସହିତ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷାରେ ସାହାଯ୍ୟ କରାଯାଇଥିଲା ଏବଂ ଫୁସଫୁସ କର୍କଟ ରୋଗରେ ପୀଡ଼ିତ ଶୁଭେନ୍ଦୁ ନାରାୟଣ ମହାନ୍ତିଙ୍କୁ ଅନଲାଇନ ମାଧ୍ୟମରେ ଡାକ୍ତରଙ୍କ ଦ୍ୱିତୀୟ ପରାମର୍ଶ ନେବାରେ ସାହାଯ୍ୟ କରାଯାଇଥିଲା ।

ଗତ ଜୁଲାଇ ମାସରେ ଓଡ଼ିଶା-ମୋ ପରିବାର ୨୧ଜଣ କର୍କଟ ରୋଗୀଙ୍କୁ ସହାୟତା ଯୋଗାଇ ଦେଇଥିଲା । ଯେଉଁମାନଙ୍କ ମଧ୍ୟରୁ ୧୨ ଜଣ କର୍କଟ ରୋଗୀଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦିଆଯାଇଥିଲା ଏବଂ ୨ଜଣ ରୋଗୀଙ୍କୁ ଆମ ହେଲ୍ପଡ଼େସ୍କ ସହଯୋଗୀ ଅନଲାଇନ ମାଧ୍ୟମରେ ଦ୍ୱିତୀୟ ପରାମର୍ଶ ନେବାରେ ସାହାଯ୍ୟ କରିଥିଲେ । ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ କାର୍ଯ୍ୟରତ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଛନ୍ତି ଏବଂ ସେମାନଙ୍କୁ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ।

## ଜୁଲାଇ ମାସର ଶ୍ରେଷ୍ଠ କର୍ମଚାରୀ

### ସୁବ୍ରତ ପାତିକା



ପ୍ରଶଂସା ଏବଂ ସ୍ୱୀକୃତି ପ୍ରଦାନ ହେଉଛି କାର୍ଯ୍ୟ ଏବଂ କାର୍ଯ୍ୟ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଏହାକୁ ଧ୍ୟାନରେ ରଖି ଓଡିଶା-ମୋ ପରିବାର ପ୍ରତ୍ୟେକ ମାସରେ ଏହାର କର୍ମଚାରୀମାନଙ୍କ ଦ୍ୱାରା ସଂପାଦନ କରାଯାଇଥିବା କାର୍ଯ୍ୟର ପ୍ରୟାସକୁ ପ୍ରଶଂସା କରିଥାଏ |

ଏହି କ୍ରମରେ କାର୍ଯ୍ୟ କ୍ଷେତ୍ରରେ ସ୍ଥିର କାର୍ଯ୍ୟଦକ୍ଷତା ଏବଂ ରୋଗୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଅଧିନରେ ଚିକିତ୍ସା ପାଇବାରେ ସାହାଯ୍ୟ କରିବା ସହିତ ବାହାନଗା ରେଳ ଦୁର୍ଘଟଣା ଉଦ୍ଧାର କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଏଥିପାଇଁ ସୁବ୍ରତ ପାତିକାଙ୍କୁ ଗତ ମାସର ଶ୍ରେଷ୍ଠ କର୍ମଚାରୀ ଭାବରେ ବିବେଚିତ କରାଯାଇଛି |

## ଜୁଲାଇ ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

### ସୋମନାଥ ସ୍ୱାଇଁ



ରାଜ୍ୟର ପ୍ରମୁଖ ଡାକ୍ତରଖାନା ଗୁଡ଼ିକରେ ଅବସ୍ଥାପିତ ହେଲ୍ପଡେସ୍କ ସହଯୋଗୀ ମାନେ ହେଉଛନ୍ତି ସଂଗଠନର ଆଗଧାଡ଼ିର କର୍ମଚାରୀ, ଯେଉଁମାନେ ଡାକ୍ତରଖାନା ଗୁଡିକରେ ଅଭାବୀ ଲୋକମାନଙ୍କୁ ସାହାଯ୍ୟ କରି ସଂଗଠନର ଦୃଷ୍ଟିକୋଣ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ହସ୍ପିଟାଲରେ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେବା ବ୍ୟତୀତ ସେମାନେ ରୋଗୀ ଏବଂ ତାଙ୍କ ପରିବାର ସଦସ୍ୟମାନଙ୍କୁ ସେମାନଙ୍କ କଠିନ ସମୟରେ ନୈତିକ ସହାୟତା ପ୍ରଦାନ କରନ୍ତି। ଏମ୍ସ, ଭୁବନେଶ୍ୱରରେ ଥିବା ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁଙ୍କୁ ଗତମାସର "ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ" ଭାବରେ ବିବେଚିତ କରାଯାଇଛି।

୯୩
ଜଣ ରୋଗୀଙ୍କୁ ସହାୟତା ପ୍ରଦାନ

୧୨
ଜଣ ରୋଗୀଙ୍କୁ ସହାୟତା ପ୍ରଦାନ

# ଜୀବନବିନ୍ଦୁ ରକ୍ତଦାନ ଶିବିର


କଟକ


ଗଞ୍ଜାମ


ବାଲେଶ୍ୱର


ରାୟଗଡ଼ା


ରାଉରକେଲା


ଭୁବନେଶ୍ୱର


ପୁରୀ


ସୁନ୍ଦରଗଡ଼


ବରଗଡ଼


ସୁବର୍ଣ୍ଣପୁର


ମୟୂରଭଞ୍ଜ


ନୟାଗଡ଼

# ସାମାଜିକ ଗଣମାଧ୍ୟମରେ ଓଡ଼ିଶା-ମୋ ପରିବାର

**Biju Janata Dal**
@bjd_odisha · Follow

ସଭାପତି ଶ୍ରୀ @Naveen_Odisha ଙ୍କ ଆହ୍ୱାନକ୍ରମେ ଦଳ ପକ୍ଷରୁ ଆୟୋଜିତ ରକ୍ତଦାନ କାର୍ଯ୍ୟକ୍ରମ ସମାଜରେ ଜନଜାଗରଣ ସୃଷ୍ଟି କରୁଛି। ତିରିଡିଆରେ ଆୟୋଜିତ @MoparivarOdisha @Jibanbindu ଶିବିରରୁ ୨୦୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ରକ୍ତାଭାବ ଦୂର ନେଇ ଏହା ସଚେତନତାର ମହତବାର୍ତ୍ତା ଦେଉଛି। #BJDWithOdisha ସୌ-ସମାଜ




1:22 PM · Jul 10, 2023

153 Reply Share

Read 28 replies

**Biju Janata Dal**
@bjd_odisha · Follow

ବେରିସାସଙ୍କ ଜୀବନରେ ଘୋଟି ଆସିଥିବା ଅନ୍ଧକାର ଦୂର କଲା 'ଓଡ଼ିଶା-ମୋ ପରିବାର'। ଦୁର୍ଘଟଣାରେ ନିଜ ଗୋଡ଼ ହରାଇବା ପରେ ଭାଙ୍ଗି ପଡ଼ିଥିବା ଭୁବନେଶ୍ୱରସ୍ଥିତ ବୁଦ୍ଧନଗରର ବାସିନ୍ଦା ବେରିସାସଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ @MoParivarOdisha ଆଶାର ଆଲୋକ ସାଜିଛି। #BJDWithOdisha




**Biju Janata Dal**
@bjd_odisha · Follow

ଯାଜପୁର ଜିଲ୍ଲା ବିଞ୍ଝାରପୁର ଅନ୍ତର୍ଗତ ସାସଣ୍ଡା ଗାଁର ମୃତ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ପରିବାରକୁ 'ଓଡ଼ିଶା-ମୋ ପରିବାର' ସାହା ହୋଇଛି। @MoparivarOdisha ର ଉଦ୍ୟମ ଫଳରେ ତାଙ୍କ ମୃତ ଦେହକୁ ସାଉଦି ଆରବରୁ ଆଣି ଜନ୍ମସ୍ଥାନକୁ ପଠାଯାଇପାରିଛି। ଅସହାୟ ଲୋକଙ୍କ ପାଇଁ ଓଡ଼ିଶା-ମୋ ପରିବାରର ସହାୟତା; ସେବା ଓ ପ୍ରତିବଦ୍ଧତାର ଅନନ୍ୟ... Show more




**Biju Janata Dal**
@bjd_odisha · Follow

ଭୁବନେଶ୍ୱର ସତ୍ୟକାଳୀ ବିଜୁ ଆଦର୍ଶ କଲୋନୀର ବାସିନ୍ଦା ସୁଲୋଚନା ମହାନ୍ତିଙ୍କ ଦେହାନ୍ତ ପରେ ଅସହାୟ ପରିବାରକୁ 'ଓଡ଼ିଶା-ମୋ ପରିବାର' ସହାୟ ହୋଇଛି। @MoparivarOdisha ର ସଦସ୍ୟମାନଙ୍କ ଦ୍ୱାରା ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଅସହାୟ ଲୋକଙ୍କ ପାଇଁ ଓଡ଼ିଶା-ମୋ ପରିବାରର ସହାୟତା ସେବାର ଅନନ୍ୟ ବାର୍ତ୍ତା ଦେଉଛି। #OdishaCares



# ଇଲେକ୍ଟ୍ରୋନିକ୍ ଏବଂ ଡିଜିଟାଲ୍ ଗଣମାଧ୍ୟମରେ ଓଡ଼ିଶା-ମୋ ପରିବାର













## 'Odisha-Mo Parivar' Gives A New Lease Of Life To Elderly Woman In State Capital

Suranjan Mishra — Published On Jul 20, 2023 at 10:38 PM

ODISHA LATEST TOP




## ଛାଡି ଚାଲିଗଲା ପେଟ ଚିହ୍ନିଥିବା ମଣିଷଟିଏ, ଦୁଃଖରେ କାନ୍ଦୁଛି ଛୋଟୁ







## Bereaved Family Gets Solace From Odisha-Mo Parivar; Details Here

By Sagarika Satapathy — Last updated Jul 24, 2023




# ଆପଣଙ୍କ ମୁହଁରୁ

ମୋ ଭାଇ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସନ୍ତୋଷଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋ ଭାଇ ପାଇଁ ଉପଯୁକ୍ତ ସମୟରେ ରକ୍ତ ଯୋଗାଡ଼ କରିବା ସହିତ ଆବଶ୍ୟକୀୟ ସାହାଯ୍ୟ କରିଥିଲେ ।



**ମୁନ୍ନା ଚୋପାଲ**
କଟକ, ୭୮୦୯୬୧୬୨୭୪

ମୁଁ ହୃଦ୍ ରୋଗରେ ପୀଡ଼ିତ ହୋଇ ବିଶାଖାପାଟଣାସ୍ଥିତ ଇଣ୍ଡସ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ଯିଏ ମୋର ଚିକିତ୍ସା ସମୟରେ ସମସ୍ତ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ।



**ରୁଦ୍ର ମୋହନ ନାୟକ**
କୋରାପୁଟ, ୯୪୩୯୫୬୦୭୭୧

ମୋ ଭଉଣୀ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ ଏବଂ ତାଙ୍କ ଚିକିତ୍ସା ଚାଲିଥିବା ବେଳେ AB+ve ରକ୍ତର ଜରୁରୀ ଆବଶ୍ୟକତା ପଡିଥିଲା, ଯାହା ମୁଁ ଯୋଗାଡ଼ କରି ପାରିନଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସନ୍ଦୀପ୍ ଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋତେ ଉପଯୁକ୍ତ ସମୟରେ ରକ୍ତ ଯୋଗାଡ଼ କରି ଦେବା ସହିତ ହସ୍ପିଟାଲରେ ଆବଶ୍ୟକୀୟ ସାହାଯ୍ୟ କରିଥିଲେ ।




**ବୁଦ୍ଧଦେବ ସେଠୀ**
କେଉଁଝର, ୮୯୧୭୨୪୫୧୫୮

ମୋର କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲରେ ଅସ୍ତ୍ରୋପଚାର ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏ ହସ୍ପିଟାଲରେ ମୋର ଚିକିତ୍ସାର ସମସ୍ତ ପ୍ରକ୍ରିୟାରେ ମୋତେ ସାହାଯ୍ୟ କରିଥିଲେ ।



**ଦାଣ୍ଡିଆ କତ୍ରକା**
କୋରାପୁଟ, ୭୮୧୫୦୫୯୦୦୪

ଚିକିତ୍ସା ପାଇଁ ମୁଁ ଭୁବନେଶ୍ୱରସ୍ଥିତ ଏମ୍ସରେ ଭର୍ତ୍ତି ହୋଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସୋମନାଥଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏ ମୋ ଚିକିତ୍ସା ସମୟରେ ସମସ୍ତ ଆବଶ୍ୟକୀୟ ସାହାଯ୍ୟ କରିଥିଲେ ।




**ଶ୍ୟାମା ପାଟିଆ**
ଗଞ୍ଜାମ, ୯୮୬୧୬୪୫୭୯୭

ମୋ ମା'ଙ୍କୁ ଅସ୍ତ୍ରୋପଚାର ପାଇଁ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ଚିକିତ୍ସା ଚାଲିଥିବା ସମୟରେ ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହା ମୁଁ ଯୋଗାଡ଼ କରି ପାରିନଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଆଲୋକଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ଯିଏ ମୋ ମା'ଙ୍କ ପାଇଁ ଉପଯୁକ୍ତ ସମୟରେ ରକ୍ତ ଯୋଗାଡ଼ କରି ଦେଇଥିଲେ।



**ପ୍ରତାପ ପରିଡା**
୭୦୦୮୩୨୬୧୯୧

ମୁଁ ଆଣ୍ଠୁଗଣ୍ଠି ରୋଗରେ ପୀଡ଼ିତ ହୋଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲି । ଅଶେଷ ଧନ୍ୟବାଦ ଜଣାଉଛି ହେଲ୍ପଡେସ୍କ ସହଯୋଗୀ ବିଶ୍ୱଙ୍କୁ, ଯିଏ ହସ୍ପିଟାଲରେ ମୋତେ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ସହିତ କାଉଣ୍ଟରରୁ ଔଷଧ ପାଇବାରେ ମଧ୍ୟ ସାହାଯ୍ୟ କରିଥିଲେ ।



**କେ ବଂଶୀ**
ପୁରୀ, ୯୪୩୮୫୭୯୦୯୪

ମୋ ଭଉଣୀ ଗାଇନିକ୍ ରୋଗରେ ପୀଡିତ ଥିଲେ ଏବଂ ତାଙ୍କୁ ଅସ୍ତ୍ରୋପଚାର କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ହିମାଂଶୁଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଅସ୍ତ୍ରୋପଚାର ଏବଂ ଚିକିତ୍ସା ପାଇଁ ଆବଶ୍ୟକୀୟ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।




**ଦେବ ସିକା**
କଳାହାଣ୍ଡି, ୯୦୩୯୧୧୬୪୪୫

ମୋ ଝିଅକୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ତାର ଚିକିତ୍ସା ଚାଲିଥିବା ବେଳେ ବିରଳ ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହା ମୁଁ ଯୋଗାଡ଼ କରିପାରିନଥିଲି । ସଠିକ୍ ସମୟରେ ରକ୍ତ ଯୋଗାଡ଼ କରି ମୋତେ ଦେଇଥିବାରୁ ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସୁଭମ୍ ଭଞ୍ଜଙ୍କୁ ଧନ୍ୟବାଦ ଜଣାଉଛି।



**ସୁମନ୍ତ ଲୋହର**
ମୟୂରଭଞ୍ଜ, ୯୧୭୮୬୬୨୨୬୯

ମୁଁ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲି ଏବଂ ମୋ ଗୋଡ଼ରେ ଗଭୀର ଆଘାତ ଲାଗି ଗୋଡ଼ କଟା ହୋଇ ଯାଇଥିଲା । ମୋତେ ଏକ କୃତ୍ରିମ ଗୋଡ଼ ଯୋଗାଇ ଦେବା ପାଇଁ ମୁଁ ଓଡ଼ିଶା-ମୋ ପରିବାରକୁ ଅନୁରୋଧ କରିବା ପରେ ମୋତେ କ୍ୟାପିଟାଲ୍ ହସ୍ପିଟାଲ ପରିସରଭୁକ୍ତ ଏ.ଆର୍.ସି ମାଧ୍ୟମରେ କୃତ୍ରିମ ଗୋଡ଼ ଯୋଗାଇ ଦେଇଥିବାରୁ ମୁଁ ଓଡିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଉଛି ।



**କୃଷ୍ଣ ମୁଣ୍ଡା**
ଭୁବନେଶ୍ୱର, ୮୨୬୦୨୬୬୬୪୯

## ଓଡ଼ିଶା-ମୋ ପରିବାର କାର୍ଯ୍ୟକ୍ରମ

# ଯୋଗାଯୋଗ ପାଇଁ ଜରୁରୀ ନମ୍ବର

### ଚକ୍ଷୁ ପରୀକ୍ଷା ଶିବିର

ଚକ୍ଷୁ ପରୀକ୍ଷା ଶିବିର କରିବା ଏବଂ ମୋତିଆବିନ୍ଦୁ ସମସ୍ୟାଥିବା ବ୍ୟକ୍ତିଙ୍କ ପାଇଁ ମାଗଣା ଅସ୍ତ୍ରୋପଚାର କରିବାରେ ସାହାଯ୍ୟ କରିବା

ମନସ୍ୱିନୀ ଦାଶ 8917400700
ଶ୍ରଦ୍ଧା ସୁଚିସ୍ମିତା 7978260364

### କୃତ୍ରିମ ଅଙ୍ଗ ପ୍ରଦାନ

ଅଭାବୀ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେବାରେ ସହାୟତା

ମନସ୍ୱିନୀ ଦାଶ 8917400700

### ଅଙ୍ଗଦାନ

NOTTO (ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍) ର ସହଯୋଗରେ ଅଙ୍ଗଦାନ ଶିବିର ଆୟୋଜନ କରିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

### ଜୱାନଙ୍କୁ ସହାୟତା

ପ୍ରତିରକ୍ଷା ସେବା ତଥା ରାଜ୍ୟ ବାହାରେ ପୋଷ୍ଟିଂ ହୋଇଥିବା ସାମରିକ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମ୍ମୁଖୀନ

ବର୍ଷା ରାଉତରାୟ 8260112415
ଶ୍ରଦ୍ଧା ସୁଚିସ୍ମିତା 7978260364

### ପରିବେଶ ସୁରକ୍ଷା

ବୃକ୍ଷରୋପଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନା

ବର୍ଷା ରାଉତରାୟ 8260112415

### ଦିବ୍ୟାଙ୍ଗ ଶିଶୁମାନଙ୍କୁ ସହାୟତା

୩ ରୁ ୧୪ ବର୍ଷର ଦିବ୍ୟାଙ୍ଗ ଶିଶୁ ମାନଙ୍କୁ SIEP ରେ ଚିକିତ୍ସାର ବ୍ୟବସ୍ଥା କରାଇଦେବା

ମାନସୀ ରାୟ 9078151969
ଶ୍ରଦ୍ଧା ସୁଚିସ୍ମିତା 7978260364

### ବୃତ୍ତିଗତ ପରାମର୍ଶ ଓ ଦିଗଦର୍ଶନ

ବୃତ୍ତିଗତ ସୁଯୋଗ କ୍ଷେତ୍ରରେ ଆଶାୟୀ ଯୁବକ ଯୁବତୀମାନଙ୍କୁ ପରାମର୍ଶ ଓ ଦିଗ୍-ଦର୍ଶନ ପ୍ରଦାନ କରିବା

ବର୍ଷା ରାଉତରାୟ 8260112415
ମନସ୍ୱିନୀ ଦାଶ 8917400700

### ଡିପୋଜିଟାରୀ

ଓଡ଼ିଶା-ମୋ ପରିବାର ଅନୁକୂଲ୍ୟରେ ଆୟୋଜନ ହେଉଥିବା କାର୍ଯ୍ୟକ୍ରମର ଗୁଡ଼ିକର ଫଟୋ ଏବଂ ଭିଡ଼ିଓ ପଠାଇବା ପାଇଁ

ବିଭୂତି କୁମାର ଭୋଇ 9040458180



## ପ୍ରବାସୀଙ୍କୁ ସହାୟତା

ପ୍ରବାସୀ ମାନଙ୍କ ବୟସ୍କ ମାତାପିତା ତଥା ପିଲାମାନଙ୍କର ହଠାତ୍ ସ୍ୱାସ୍ଥ୍ୟଗତ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସମସ୍ୟାରେ ଆମ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ସହାୟତା ପ୍ରଦାନ

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

## ଜୀବନବିନ୍ଦୁ

ଅଭାବୀ ରୋଗୀଙ୍କୁ ବିରଳ ଗ୍ରୁପ୍ ରକ୍ତ ଯୋଗାଇବା ସହିତ ରକ୍ତଦାନ ସମ୍ବନ୍ଧୀୟ ବ୍ୟାପାର

ରଜତ ଅଗ୍ରୱାଲ 9437067999
ଚିତ୍ତ ରଂଜନ ମିଶ୍ର 8917400701

## କ୍ୟାନସର ରୋଗୀଙ୍କୁ ସହାୟତା

କ୍ୟାନସର ରୋଗୀମାନଙ୍କୁ ସ୍ଥାନୀୟ ଏବଂ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାପାଇଁ ସଂଚାଳନ କରିବା

ଦେବଶ୍ରୀ ଦାସ 7504986342
ରଜତ ଅଗ୍ରୱାଲ 9437067999

## ସ୍ୱାସ୍ଥ୍ୟସେବା

### ପ୍ରମୁଖ ଡାକ୍ତରଖାନାରେ ହେଲ୍ପଡେସ୍କ

**ଏସ୍.ସି.ବି.ମେଡ଼ିକାଲ, କଟକ**
ସନ୍ଦୀପ ରଥ - ୯୭୭୮୭୭୪୭୭୭
ସନ୍ତୋଷ କୁମାର ଦାସ - ୯୮୬୧୭୦୮୭୨୫

**କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର**
ଆଲୋକ ରଞ୍ଜନ ସାହୁ - ୮୧୧୪୮୨୨୦୮୫
ଜ୍ୟୋତିରଞ୍ଜନ ପ୍ରଧାନ- ୯୮୬୧୩୦୬୦୯୬

**ସମ୍ ହସ୍ପିଟାଲ, ଭୁବନେଶ୍ୱର**
ଶିବ ପ୍ରସାଦ ରାଉତ - ୭୯୭୮୭୩୬୪୩୧

**ଏମସ୍, ଭୁବନେଶ୍ୱର**
ସୋମନାଥ ସ୍ୱାଇଁ - ୭୨୦୫୭୪୩୫୦୭

**ହାଇ-ଟେକ୍ ମେଡ଼ିକାଲ, ଭୁବନେଶ୍ୱର**
ବିକାଶ ବେହେରା - ୬୩୭୧୯୬୩୮୯୭

**ଡି.ଏଚ୍.ଏଚ୍. ଭବାନୀପାଟଣା**
ରୋଜାଲିନ ପଣ୍ଡା - ୭୭୪୯୦୩୦୪୭୦
ହିମାଂଶୁ ନାୟକ - ୯୧୭୮୭୨୧୧୯୭

**ଏସ୍.ଏଲ୍.ଏନ୍.ଏମ୍.ସି.ଏଚ୍., କୋରାପୁଟ**
ବୈକୁଣ୍ଠ ମଣ୍ଡଳ- ୮୭୬୩୭୩୦୫୮୭

**ଏମ୍.କେ.ସି.ଜି. ବ୍ରହ୍ମପୁର**
ଗିରିଜା ଶଙ୍କର ସତପଥୀ-୯୭୭୬୮୭୮୪୮୩

**ଭିମସାର, ବୁର୍ଲା**
ଧିରେନ୍ଦ୍ର ସୁନା- ୮୦୧୮୭୬୧୦୬୦
ନରେନ୍ଦ୍ର ସୁନା- ୯୩୩୭୯୫୯୬୩୪

**ଡି.ଏଚ୍.ଏଚ୍., ପୁରୀ**
ବିଶ୍ୱ ଭୂଷଣ ମହାନ୍ତି- ୯୩୩୭୬୦୦୭୭୫

**ବିଶାଖାପାଟଣା**
ପ୍ରକାଶ ବେହେରା-୯୭୦୧୯୯୪୮୬୮

**ଏଫ୍.ଏମ୍.ଏମ୍.ସି.ଏଚ୍.,ବାଲେଶ୍ୱର**
ମୃତ୍ୟୁଞ୍ଜୟ ମହାରଣା-୭୯୭୮୫୬୨୩୬୫

**ପି.ଆର୍.ଏମ୍.ଏମ୍.ସି.ଏଚ୍, ବାରିପଦା**
ଶୁଭମ୍ ଭଞ୍ଜ - ୮୯୧୭୩୬୧୫୪୫

**ଅଫିସ୍ ସଂଯୋଜକ**
ମନସ୍ୱିନୀ ଦାଶ - 8917400700

## ବି.ଏସ.କେ.ୱାଇ

ପଞ୍ଜିକୃତ ହୋଇଥିବା ହସ୍ପିଟାଲଗୁଡ଼ିକ ସହିତ ସଂଯୋଜନା ଏବଂ ବୈଷୟିକ ତ୍ରୁଟିରୁ ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ କରି BSKY ରେ ଚିକିତ୍ସା ପାଇବାକୁ ଯୋଗ୍ୟ ହିତାଧିକାରୀମାନଙ୍କୁ ସାହାଯ୍ୟ ।

ସୁବ୍ରତ ପାତିକା 9937699051
ମାନସୀ ରାୟ 9078151969

## ଏସ୍ ଓ ଏସ୍ (SOS)

ଅସହାୟ ଲୋକଙ୍କ ଜରୁରୀ କଲ୍ ପାଇ ସେମାନଙ୍କ ପାଖରେ ପହଞ୍ଚିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

## ସହାୟତା ପାଇଁ ଟୁଇଟ୍

ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ ଯଥାସମ୍ଭବ ପ୍ରୟାସ

ମନସ୍ୱିନୀ ଦାଶ
8917400700